ଆୟୁକ୍ତ,ମାଡ୍ରାସ ନିଗମ

ବନାମ

ମାଡ୍ରାସ ନିଗମ ଶିକ୍ଷକ ମନ୍ଦ୍ରମ୍ ଏବଂ ଅନ୍ୟମାନେ

ନଭେମ୍ବର 8,1996

[କେ.ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ପଦବୀ ସୃଷ୍ଟି ଏବଂ ଏଥିପାଇଁ ଯୋଗ୍ୟତା ନିର୍ଦ୍ଧାରଣ କରିବା - ନିର୍ଦ୍ଦେଶ ଦେବା ପାଇଁ ନ୍ୟାୟାଳୟଙ୍କର କ୍ଷମତା - ଦର୍ଶାଯାଇଛି, ଏକ ପଦବୀ ସୃଷ୍ଟି କରିବା କିମ୍ବା ସେଥିପାଇଁ ଯୋଗ୍ୟତା ନିର୍ଦ୍ଧାରଣ କରିବା ସରକାରଙ୍କ ଆଇନଗତ କିମ୍ବା କାର୍ଯ୍ୟନିର୍ବାହୀ ନୀତି ଅଟେ - ନ୍ୟାୟାଳୟ କିମ୍ବା ନ୍ୟାୟାଧିକରଣଙ୍କର ଏପରି ନିର୍ଦ୍ଦେଶ ଦେବା ପାଇଁ କ୍ଷମତା ରହିତ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟାଗୁଡ଼ିକ 15074-75/1996

ଓ.ଏ. ସଂଖ୍ୟା. 708/1993ରେ ତାମିଲନାଡୁ ପ୍ରଶାସନିକ ନ୍ୟାୟାଧିକରଣ, ମାଡ୍ରାସଙ୍କର 2.8.94 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଆର୍.ମୋହନ ଆର୍. ନେଦୁମାରନ, ଭି.ଜି. ପ୍ରଗାସନ ଏବଂ ସୁଶ୍ରୀ ପୁଷ୍ପା ରାଜନ

ଉତ୍ତରଦାତାମାନଙ୍କ ପାଇଁ ନବୀନ ଆର୍.ନାଥ ଏବଂ ଏସ୍.ଆର୍.ଭଟ୍ଟ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲଗୁଡ଼ିକ ଓଏ ସଂଖ୍ୟା 708/93 ଏବଂ 1685/93ରେ ତାମିଲନାଡୁର ପ୍ରଶାସନିକ ନ୍ୟାୟାଧିକରଣଙ୍କ ଦ୍ୱାରା ଅଗଷ୍ଟ 2 ତାରିଖ 1994 ମସିହାରେ ପାରିତ ହୋଇଥିବା ଆଦେଶ ବିରୁଦ୍ଧରେ ଉପନ୍ନ ହୋଇଛି । ଅପିଲକାରୀ-ନିଗମ ଶିକ୍ଷା ଅଧିକାରୀମାନଙ୍କୁ ଅଧସ୍ତନ ସବର୍ଗରୁ ପଦୋନ୍ନତି ଦେଇ କିମ୍ବା ସରକାରୀ ସେବାରୁ ପ୍ରତିନିଯୁକ୍ତି ଦ୍ୱାରା ନିଯୁକ୍ତି ଦେଇ ନିଯୁକ୍ତିର ଏକ ଦ୍ୱୈତ ନୀତି ଗ୍ରହଣ କରିଥିଲେ । ଏହା ପ୍ରତୀତ ହୁଏ ଯେ, ଶିକ୍ଷା ଅଧିକାରୀ ପଦବୀ ଉପ ନିର୍ଦ୍ଦେଶକ ପଦବୀକୁ ଉନ୍ନୀତ କରାଯାଇଥିଲା ଏବଂ ସେମାନେ ନିଗମରେ ଶିକ୍ଷାଗତ ମାନଦଣ୍ଡର ତଦାରଖ କରିବା ପାଇଁ ଉପ ନିର୍ଦ୍ଦେଶକ ପଦବୀ ପୂରଣ କରିବା ପାଇଁ ଜଣେ ସରକାରୀ ଅଧିକାରୀଙ୍କୁ ବଦଳି ଦ୍ୱାରା ନିଯୁକ୍ତି ଚାହୁଁଥିଲେ । ଉତ୍ତରଦାତା-ସଂଘ ଅପିଲକାରୀଙ୍କ ଉକ୍ତ କାର୍ଯ୍ୟକୁ ନ୍ୟାୟାଧିକରଣରେ ଆପତ୍ତି କରିଥିଲେ । ନ୍ୟାୟାଧିକରଣ ନିଗମର କ୍ଷମତାକୁ ବଜାୟ ରଖି ଏହିପରି ନିର୍ଦ୍ଦେଶ ଦେଇଥିଲେ :

> "ତେଣୁ, ନିଗମର ସବର୍ଗରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସମତୁଲ୍ୟ ଏକ ପଦବୀ ସୃଷ୍ଟି କରାଯିବା ଉଚିତ, ଯେଉଁଥିରେ ନିଗମ ସବର୍ଗର ବ୍ୟକ୍ତିମାନଙ୍କୁ ନିଯୁକ୍ତ କରାଯାଇପାରିବ ଏବଂ ଏହିପରି ବ୍ୟକ୍ତିମାନଙ୍କୁ ନିଗମର ଶିକ୍ଷା ବିଭାଗଗୁଡ଼ିକର ସାମଗ୍ରିକ ଦାୟିତ୍ୱରେ ରହିବା ପାଇଁ ମୁଖ୍ୟ ଶିକ୍ଷା ଅଧିକାରୀ ପାହ୍ୟାର ଉଚ୍ଚତର ପଦବୀକୁ ପଦୋନ୍ନତି ପାଇଁ ସର୍ବନିମ୍ନ ଅବଧିର ଅଭିଜ୍ଞତା ପରେ ବିଚାର କରାଯାଇପାରିବ ।"

ଏହି ଆଦେଶ ବିରୁଦ୍ଧରେ ବ୍ୟଥିତ ହୋଇ, ଏହି ଅପିଲ ଦାଖଲ କରାଯାଇଛି, ନିଗମ ପାଇଁ ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀଯୁକ୍ତ ଆର୍.ମୋହନ ଯୁକ୍ତି ଦର୍ଶାଇଛନ୍ତି ଯେ, ପଦବୀ ସୃଷ୍ଟି ଏବଂ ଯୋଗ୍ୟତା ନିର୍ଦ୍ଧାରଣ ସରକାରଙ୍କ ଆଇନଗତ ନୀତି କିମ୍ବା ସରକାରଙ୍କ କାର୍ଯ୍ୟ ନିର୍ବାହୀ ନୀତି ଅଟେ । ନ୍ୟାୟାଧିକରଣ ଏକ ପଦବୀ ସୃଷ୍ଟି କରିବାକୁ କିମ୍ବା ଏହି ପଦବୀରେ ରହିବା ପାଇଁ ଜଣେ ପଦବୀଧାରୀ ଭାବରେ ଆବଶ୍ୟକ ହେଉଥିବା ଅଭିଜ୍ଞତା ନିର୍ଦ୍ଧାରଣ କରିବାକୁ ନିର୍ଦ୍ଦେଶ ଦେଇପାରିବେ ନାହିଁ । ଆମେ ଦେଖୁଛୁ ଯେ, ଯୁକ୍ତିରେ ଦୃଢତା ଅଛି ।

ଉତ୍ତରଦାତାମାନଙ୍କ ପାଇଁ ବିଜ୍ଞ ଅଧିବକ୍ତା, ନିରପେକ୍ଷ ଭାବରେ, ଏହି ଯୁକ୍ତିକୁ ଭରଣ କରିବାରେ ଅସମର୍ଥ ହୋଇଥିଲେ, କିନ୍ତୁ ସେ ଏହି ଆଧାରରେ ଆଦେଶକୁ ବଜାୟ ରଖିବାକୁ ଚାହୁଁଥିଲେ ଯେ, ସ୍ଥାନାନ୍ତର ଦ୍ୱାରା ନିଯୁକ୍ତି ଚାକିରିରେ ଥିବା ପ୍ରାର୍ଥୀମାନଙ୍କୁ ପ୍ରଭାବିତ କରେ । ଆମେ ଏହା ବିଷୟରେ ଆଲୋଚନା କରିପାରିବୁ ନାହିଁ କାରଣ ଏହି ମାମଲାରେ ଏହା ବିଷୟବସ୍ତୁ ନୁହେଁ । ଏହି ପରିସ୍ଥିତିରେ, ଯେପରି ପୂର୍ବରୁ କୁହାଯାଇଥିଲା, ପ୍ରଶ୍ନଟି ହେଉଛି : ନ୍ୟାୟାଧିକରଣ ଏକ ପଦବୀ ସୃଷ୍ଟି କରିବା ପାଇଁ ନିର୍ଦ୍ଦେଶ ଦେଇପାରିବେ କି କିମ୍ବା ଏହି ପଦବୀ ପାଇଁ ସର୍ବନିମ୍ନ ଯୋଗ୍ୟତା ନିର୍ଦ୍ଧାରଣ କରିପାରିବେ କି ? ଏହା ଏକ ସୁପ୍ରତିଷ୍ଠିତ ଆଇନଗତ ସ୍ଥିତି ଯେ, ଏକ ପଦବୀ ସୃଷ୍ଟି କରିବା କିମ୍ବା ଏହି ପଦବୀ ପାଇଁ ଯୋଗ୍ୟତା ନିର୍ଦ୍ଧାରଣ କରିବା ସରକାରଙ୍କ ଆଇନଗତ କିମ୍ବା କାର୍ଯ୍ୟ ନିର୍ବାହୀ ନୀତି ଅଟେ । ନ୍ୟାୟାଳୟ କିମ୍ବା ନ୍ୟାୟାଧିକରଣଙ୍କର ଏପରି ନିର୍ଦ୍ଦେଶ ଦେବା ପାଇଁ କ୍ଷମତା ରହିତ । ତେଣୁ ଏହି ଆକ୍ଷେପିତ ନିର୍ଦ୍ଦେଶ ସ୍ୱଷ୍ଟ ଭାବେ ବେଆଇନ ଅଟେ ।

ତଦନୁସାରେ ଅପିଲଗୁଡ଼ିକୁ ଅନୁମତି ଦିଆଯାଇଛି । କିନ୍ତୁ ଏହି ପରିସ୍ଥିତିରେ କୌଣସି ଖର୍ଚ୍ଚ ବିନା ।

ଆର୍.ପି. ଅପିଲକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

ଅନୁବାଦିକା : ସସ୍ମିତା ନାଏକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ